**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**9 August - 2024**

**News Editor : *Itishree Singh Rathaur***

---

# ଅଗଷ୍ଟକ୍ରାନ୍ତି ଦିବସ

ଦେଶ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ବଡ଼ ଇଂରେଜ ବିରୋଧୀ ଆନ୍ଦୋଳନ ଆଜିର ଦିନରେ ଆରମ୍ଭ ହୋଇଥିଲା । ୧୯୪୨ ଅଗଷ୍ଟ ୮ରେ ଭାରତୀୟ ଜାତୀୟ କଂଗ୍ରେସ ଇଂରେଜ ସରକାର ବିରୋଧରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲା। ଆନ୍ଦୋଳନ କ୍ରାନ୍ତିର ରୂପ ନେଇଥିଲା। ମହାତ୍ମା ଗାନ୍ଧୀଙ୍କର ଭାରତଛାଡ଼ ଆନ୍ଦୋଳନ ଡାକରା 'କର ବା ମର' ସ୍ଥିତି ସୃଷ୍ଟି କରିଥିଲା । ମୁମ୍ବାଇର ଅଗଷ୍ଟକ୍ରାନ୍ତି ପଡ଼ିଆରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ଅଗଷ୍ଟ କ୍ରାନ୍ତି ଦିବସ ଭାବେ ପାଳନ କରାଯାଇଥାଏ । ଅଗଷ୍ଟ କ୍ରାନ୍ତି ଦିବସରେ ଦେଶରେ ବିଭିନ୍ନ ଜାତୀୟତାବୋଧ କାର୍ଯ୍ୟକ୍ରମମାନ ଆଜିଠାରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ପାଳନ କରାଯିବ ।

---

# ହରଘର ତ୍ରିରଙ୍ଗା ଅଭିଯାନ

ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଦେଶରେ ହର୍ ଘର ତିରଙ୍ଗା ଅଭିଯାନ ଅନୁଷ୍ଠିତ ହେବ । ଆସନ୍ତା ୧୫ ତାରିଖ ଦେଶ ସ୍ୱାଧୀନତାର ୭୭ ବର୍ଷ ପାଳନ ଅବସରରେ ଏହି ଅଭିଯାନ ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଜାତୀୟ ପତାକାକୁ ସମ୍ମାନ ଜଣାଇ

ପ୍ରତ୍ୟେକ ନାଗରିକ ସେମାନଙ୍କର ଘର ଉପରେ ଜାତୀୟପତାକା ଉଡ଼ାଇ ସ୍ୱାଧୀନତା ଦିବସ ପାଳନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ରାଜ୍ୟରେ ଚଳିତବର୍ଷ ହର୍ ଘର ତିରଙ୍ଗା ବ୍ୟାନରରେ ତିରଙ୍ଗା ଶପଥ ଓଡ଼ିଆ ଭାଷାରେ ନିଆଯିବ । ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ ।

---

## ମୁଖ୍ୟମନ୍ତ୍ରୀ-ଖଣି

ରାଜ୍ୟର ଖଣିକ୍ଷେତ୍ର ଗୁଡ଼ିକୁ ଦକ୍ଷତାର ସହ ପରିଚାଳନା କରାଯାଇ ପାରିଲେ ଅଧିକ ରାଜସ୍ୱ ଆସିବା ସହିତ ଖଣି ଭିତ୍ତିକ ଶିଳ୍ପାନୁଷ୍ଠାନ ଗୁଡ଼ିକ ଲାଭବାନ ହେବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଓଡ଼ିଶା ଖଣି ନିଗମର ବୈଠକରେ ମୁଖ୍ୟମନ୍ତ୍ରୀ ଗତକାଲି ଅଧ୍ୟକ୍ଷତା କରି କହିଛନ୍ତି ଯେ ଆଧୁନିକ ଜ୍ଞାନ କୌଶଳ ଦ୍ୱାରା ସର୍ଭେ କରାଯାଇ ରାଜ୍ୟର ବିଭିନ୍ନ ଅଂଚଳରେ ଥିବା ଖଣିଜ ସଂପଦ ଗୁଡ଼ିକର ଆକଳନ କରାଯିବ । ବୈଠକରେ ଅଧିକ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି ।

---

## ଖେଳାଳି-ପୁରସ୍କାର ଘୋଷଣା

ପ୍ୟାରିସ୍ ଅଲମ୍ପିକ୍ସରେ ସ୍ପେନ୍‌କୁ ୨-୧ ଗୋଲ୍‌ରେ ହରାଇ ଭାରତ ହକିରେ ବ୍ରୋଞ୍ଜ ପଦକ ଜିତିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓଡ଼ିଶାର ଖେଳାଳି ଅମିତ ରୋହି ଦାସଙ୍କୁ ୪ କୋଟି ଟଙ୍କାର ସ୍ୱତନ୍ତ୍ର ପୁରସ୍କାର ରାଶି ପ୍ରଦାନ  କରିବା ପାଇଁ ଘୋଷଣା କରିଛନ୍ତି । ହକି ଦଳର ଅଧିନାୟକ,

କୋଚ୍, ସମସ୍ତ ଖେଳାଳି ଓ ସହାୟକ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାର ୧୦ରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଦେବେ । ପ୍ୟାରିସ୍ ଅଲମ୍ପିକ୍‌ସରେ ଭାଗ ନେଇଥିବା ଭାରତୀୟ ହକି ଦଳର ସମସ୍ତ ସଦସ୍ୟ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିମନ୍ତ୍ରଣ କରିଛନ୍ତି ।

# ଆଳୁ

ରାଜ୍ୟ ସରକାର ନାଫେଡ ଜରିଆରେ ଖାଉଟିମାନଙ୍କୁ କିଲୋଗ୍ରାମ ପିଛା ୩୦ ଟଙ୍କାରେ ଆଳୁ ଯୋଗାଇଦେବେ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୩୦୦ ମେଟ୍ରିକ୍ ଟନ ଆଳୁ ଆମଦାନୀ କରାଯିବ । ଏକସପ୍ତାହ ମଧ୍ୟରେ ଆଳୁ ପହଂଚିବା ପରେ କଟକ, ଭୁବନେଶ୍ୱର,ରାଉରକେଲା, ସମ୍ବଲପୁର ଏବଂ ବ୍ରହ୍ମପୁର ସରକାରୀ ଖୁଚୁରା ଦୋକାନ ମାଧ୍ୟମରେ ଖାଉଟିମାନଙ୍କୁ ମିଳିପାରିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

# ଜନଜାତି ଦିବସ

ଜନଜାତି ସଂପ୍ରଦାୟର ଲୋକଙ୍କ ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ସଂପର୍କରେ ସଚେତନତା ସୃଷ୍ଟି କରବା ପାଇଁ ବିଶ୍ୱରେ ଆଜି ଜନଜାତି ଦିବସ ପାଳନ କରାଯାଉଛି । ୧୯୮୨ ମସିହାରେ ଜେନେଭା ଠାରେ ଆୟୋଜିତ ଜନଜାତି ଜନସଂଖ୍ୟା ସଂପର୍କିତ ପ୍ରଥମ ଜାତିସଂଘ କାର୍ଯ୍ୟକାରିଣୀ ସମୂହ ବୈଠକରେ ଏହି ଦିବସକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା । ପରିବେଶ ସୁରକ୍ଷା ସହ ଜଡ଼ିତ ସମସ୍ୟା ଗୁଡ଼ିକର

ସମାଧାନ ଦିଗରେ ଆଦିବାସୀ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଏବଂ ଭୂମିକାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ । ଚଳିତବର୍ଷ ଜନଜାତି ଦିବସ ପାଳନର ବାର୍ତ୍ତା ରହିଛି "ପାରମ୍ପରିକ ଜ୍ଞାନର ସଂରକ୍ଷଣ ଓ ପ୍ରସାରରେ ଜନଜାତି ମହିଳାଙ୍କ ଭୂମିକା" ।

# ବୈଠକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସମେତ ବେଗୁନିଆ ବିଧାୟକ ଗତକାଲି ଖୋର୍ଦ୍ଧା ଜିଲ୍ଲା ଗସ୍ତ କରି ଖୋର୍ଦ୍ଧାଗଡ଼ର ବିକାଶ, ବରୁଣେଇ ପୀଠର ଉନ୍ନତିକରଣ ଏବଂ ବାଘମାରୀ ନିକଟସ୍ଥ ଅତ୍ରିର ଉଷ୍ଣପ୍ରସ୍ରବଣ ର ସମୀକ୍ଷା କରିଥିଲେ । ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ପରିପ୍ରେକ୍ଷୀରେ ଗତକାଲି ଉପମୁଖ୍ୟମଂତ୍ରୀ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଏହି ଅଂଚଳର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟସୂତ୍ରୀ ବାବଦରେ ଆଲୋଚନା କରିଥିଲେ ।

---

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି

ଆସନ୍ତା ୧୨ ତାରିଖ ସୋମବାର ଦିନ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ବନ୍ଦ ରହିବ । ଏହି ଅଭିଯୋଗ ଶୁଣାଣିର ପରବର୍ତ୍ତୀ ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---